ପ୍ରେସନୋଟ୍

# ଜିଲ୍ଲା ସ୍ତରୀୟ କୃଷି ମେଳା ଓ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ।

ଅନୁଗୋଳ, ତା୦୧.୦୨:- କୃଷି ଓ ଏହାର ଆନୁସଂଗୀକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଆଜି ପୂର୍ବାହ୍ନରେ ଅନୁଗୋଳ ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ କୃଷି ମେଳା ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏହି ପ୍ରଦର୍ଶନୀକୁ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଉଦଘାଟନ କରିବା ସହ କୃଷକମାନଂକର ତ୍ୟାଗ ଓ ଉତ୍ସର୍ଗୀକୃତ କାର୍ଯ୍ୟର ସୁଫଳ ଆମେମାନେ ଯେପରି ପାଉଛେ ସେହିପରି ଭାବରେ ସେମାନଂକର କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଂକ ଆଧୁନିକ ଚାଷ ପ୍ରଣାଳୀ,ବୈଷୟିକ ଜ୍ଞାନ କୌଶଳ,ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗୁଁ ଆଜି କୃଷକମାନେ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ତୃଣମୁଳ ସ୍ତରରେ ବିଭିନ୍ନ କୃଷିଭିତ୍ତିକ ଯୋଜନାଗୁଡିକୁ ଚାଷୀମାନଂକ ନିକଟରେ ପହଂଚାଇପାରିଲେ ଏହାର ସୁଫଳ ଆମେ ସମସ୍ତେ ପାଇପାରିବା ବୋଲି ମତବ୍ୟକ୍ତ କରିଥିଲେ । କୃଷି ଓ ଏହାର ଆନୁସଂଗୀକ ବିଭାଗରେ ଉପଲବଧବୈଷୟିକ ଜ୍ଞାନ ଓ କୌଶଳ ପଦ୍ଧତିର ସଦୁପଯୋଗ କରି ଚାଷୀମାନଂକ ବ୍ୟବହାରରେ ଏହାକୁ ଲଗାଇବା ଉପରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କୃଷକମାନଂକୁ ବିଭିନ୍ନ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରାଯିବା ନିମନ୍ତେ ଏହି ମେଳା ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଓ ଢେଂକାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ଭକ୍ତିପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦେବରାଜ ମହାନ୍ତି ସମସ୍ତଂକୁ ଧନ୍ୟବାଦ ଦେଇଥିଲେ । ଉଦଘାଟନ ପରେ ଅତିଥିମାନେ କୃଷି ବିଭାଗ ଓ ଏହାର ଆନୁସଂଗୀକ ବିଭାଗ ଏବଂ ବିଭିନ୍ନ ଶିକ୍ଷ ସଂସ୍ଥା ଦ୍ୱାରା ଖୋଲାଯାଇଥିବା ପ୍ରଦର୍ଶନୀ ମଣ୍ଡପ ଓ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଆୟୋଜିତ ପୁଷ୍ପ ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ ।

ଏହି ପ୍ରଦର୍ଶନୀରେ ଭାଗ ନେଇଥିବା କୃଷି ବିଭାଗ ସମେତ ମିଲେଟ୍ ମିଶନ୍,ଜାତୀୟ ଉଦ୍ୟାନ କୃଷି,ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜଳ ବିଭାଜିକା,ପ୍ରାଣୀ ସମ୍ପଦ ବିଭାଗ,ଜିଲ୍ଲା ମତ୍ସ୍ୟ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୩୬ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ଏହାଛଡା ଏହି ପ୍ରଦର୍ଶନୀରେ ୧୩ଟି କୃଷି ଓ ଆନୁସଂଗୀକ ସରକାରୀ ବିଭାଗ ସହିତ ନାଲ୍‌କୋ,ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ,ସ୍ଥାନୀୟ କୃଷି ଯନ୍ତ୍ରପାତି ଡିଲର ଶାନ୍ତି ଏଜେନ୍‌ସି, ପ୍ରାଇଭେଟ ନର୍ସରୀ ଯୋଗ ଦେଇଥିଲେ । କୃଷି ବିଭାଗରେ ପ୍ରଦର୍ଶିତ ହୋଇଥିବା ପ୍ରମୁଖ ସରକାରୀ ଯୋଜନାଗୁଡିକ ମଧ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ୍, ବଳରାମ ଯୋଜନା,ସୌର ଜଳନିଧି, କୃଷି ଯାନ୍ତ୍ରିକରଣ,ଆମ କୃଷି ଓ କାଳିଆ ପରି ଲୋକପ୍ରିୟ ଯୋଜନାଗୁଡିକର ଫଟୋଚିତ୍ର ଓ ସରକାରୀ ସହାୟତା ସମ୍ପର୍କରେ ତଥ୍ୟ ପ୍ରଦର୍ଶନ କରାଯାଇଥିଲା । ପୁଷ୍ପ ପ୍ରଦର୍ଶନୀରେ ଉଦ୍ୟାନ କୃଷି ବିଭାଗ ସମେତ ଜେ ଏସ୍ ପି ଏଲ୍,ନାଲ୍‌କୋ, ବିଜୁ ନର୍ସରୀ, ଚନ୍ଦନ ନର୍ସରୀ,ରାଜୁ ନର୍ସରୀ, ହାଇଟେକ୍ ନର୍ସରୀ ଓ ଆଗ୍ରହୀ ଫୁଲ ଚାଷୀ ଡ. ଦେବାଶିଷ ପ୍ରଧାନ ଓ ବିଭିନ୍ନ ଫୁଲ ଚାଷୀ ଅଂଶଗ୍ରହଣ କରିଥିଲେ । ୨ ଦିନିଆ ଏହି ପ୍ରଦର୍ଶନୀରେ ଓଡିଶା ଜୀବିକା ମିଶନ୍ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଂକୁ ମୋ ଉପକାରୀ ବଗିଚାର ଆବଶ୍ୟକ ନିର୍ମାଣ ଓ ତାର ଉପକାରିତା ସମ୍ଦ୍ଧରେ ମଡେଲ ପ୍ରସ୍ତୁତ କରାଯାଇ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଅଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଛତୁ ଚାଷ, ପନିପରିବା ଚାଷ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଥିବା ସମସ୍ତ ସହାୟତାର ତଥ୍ୟ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଅଛି । ଏହି ପ୍ରଦର୍ଶନୀରେ ୟୁକୋ ବ୍ୟାଂକ,ଆଇ ସି ଆଇ ସି ଆଇ ବ୍ୟାଂକ ଓ ଆର ସେଟି ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଚାଷୀମାନଂକୁ ଋଣ ସହାୟତା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଛନ୍ତି । ଏହି ପ୍ରଦର୍ଶନୀ ଆୟୋଜନରେ ଉପ-ନିର୍ଦ୍ଦେଶକ(ଉଦ୍ୟାନ ବିଭାଗ) ଶ୍ରୀ ପଦ୍ମଲୋଚନ ଦାସ, ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶିବ ପ୍ରସାଦ ପାଢୀ, ମୁଖ୍ୟ ଜିଲ୍ଲା ପଶୁ ସମ୍ପଦ ଅଧିକାରୀ ଶ୍ରୀ ରଂଜିତ ଦାସ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରତାପ ଏକ୍କା ଆବଶ୍ୟକ ସହଯୋଗ କରିଥିଲେ । ସହକାରୀ କୃଷି ଯନ୍ତ୍ରୀ ବନସ୍ମିତା ବେହେରା ଏହି ପ୍ରଦର୍ଶନୀ ନିମନ୍ତେ ଆୟୋଜିତ ସଭା କାର୍ଯ୍ୟରେ ମଂଚ ପରିଚାଳନା କରିଥିଲେ । ଏହି ପ୍ରଦର୍ଶନୀରେ କୃଷି ବିଭାଗ ସମେତ ଅନ୍ୟାନ୍ୟ ଆନୁସଂଗୀକ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।



